# NATIONAL NEWS BULLETIN (ODIA)
## 08th October - 2026
## Evening Bulletin : 7.15 p.m.

*******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଦେଶର ବିଭିନ୍ନ କ୍ଷେତ୍ରରେ ଡିଜିଟାଲ୍ ସଂଯୋଗ ସରକାରଙ୍କ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଅଧିକ ସଶକ୍ତ କରୁଛି; କହିଲେ ପ୍ରଧାନମନ୍ତ୍ରୀ ।
- ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଜି.ଏସ୍.ଟି. ପରିଷଦର ୫୭ତମ ବୈଠକ ଅନୁଷ୍ଠିତ; ଅପରିବର୍ତ୍ତିତ ରହିଲା ଟିକସ ହାର ।
- ଯକ୍ଷ୍ମାମୁକ୍ତ ଭାରତ ଗଠନରେ ଯୁବବର୍ଗଙ୍କୁ ସାମିଲ୍ କରିବା ଲକ୍ଷ୍ୟ ନେଇ ଆରମ୍ଭ ହେଲା 'JOSH' ବ୍ୟବସ୍ଥା ।
- ଚଳିତ ବର୍ଷପାଇଁ ସାହିତ୍ୟ କ୍ଷେତ୍ରରେ ନୋବେଲ୍ ପୁରସ୍କାର ପାଇବେ କାନାଡ଼ାର ଲେଖିକା ଆନି କାସନ ।

ଏବଂ

- ରାଞ୍ଚିଠାରେ ଆସନ୍ତାକାଲି ଖେଳାଯିବ ଭାରତ-ୱେଷ୍ଟଇଣ୍ଡିଜ୍ ଚଳିତ ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ।

## ଇଣ୍ଡିଆ ମୋବାଇଲ୍ କଂଗ୍ରେସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶର ପ୍ରତ୍ୟେକ ଜିଲ୍ଲାରେ ୫-ଜି ସଂଯୋଗ କାର୍ଯ୍ୟକ୍ଷମ ହୋଇସାରିଛି । ନୂଆଦିଲ୍ଲୀର ଯଶୋଭୂମିଠାରେ ଇଣ୍ଡିଆ ମୋବାଇଲ କଂଗ୍ରେସର ଦଶମ ସଂସ୍କରଣକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ ଟେଲିକମ୍ ବିକାଶ କ୍ଷେତ୍ରରେ ଇଣ୍ଡିଆ ମୋବାଇଲ୍ କଂଗ୍ରେସ ପ୍ଲାଟଫର୍ମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବିଭିନ୍ନ କ୍ଷେତ୍ରରେ ଡିଜିଟାଲ ସଂଯୋଗ, ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ସରକାରୀ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ଅଧିକ ସଶକ୍ତ କରିଛି । ଦୁର୍ଗମ ଅଞ୍ଚଳରେ ମଧ୍ୟ ବିଦ୍ୟାର୍ଥୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଇପାରୁଛି । ସ୍ୱଚ୍ଛଶାସନ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଉପକରଣ ଭାବେ ଉଭା ହୋଇଛି । ବହୁ ସରକାରୀ ସେବା ଏବେ ମୋବାଇଲ ଫୋନ୍‌ରେ ଉପଲବ୍ଧ ହେଉଛି ।

ପ୍ରଧାନମନ୍ତ୍ରୀ’ ଦୀକ୍ଷା ପ୍ଲାଟଫର୍ମ ଉପରେ ଆଲୋକପାତ କରି କହିଛନ୍ତି, ବିଭିନ୍ନ ଡିଜିଟାଲ ଓ ଅନ୍‌ଲାଇନ୍ ଶିକ୍ଷା ପ୍ଲାଟଫର୍ମ ମାଧ୍ୟମରେ ସରକାର ପ୍ରାୟ

୨୫ କୋଟି ଛାତ୍ରଛାତ୍ରୀଙ୍କୁ ସହଯୋଗ ପ୍ରଦାନ କରିବା ନେଇ ପ୍ରୟାସ ଜାରି ରଖିଛନ୍ତି ।

***Voice (PM -Diksha)*** :........

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି ପ୍ରଧାମନ୍ତ୍ରୀଙ୍କ ନେତୃତ୍ୱାଧୀନ ସରକାର ପ୍ରଯୁକ୍ତି ବିଦ୍ୟାର ସୁଫଳ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ପ୍ରାଥମିକତା ପ୍ରଦାନ କରୁଛନ୍ତି । ଏହି ୪ଦିନିଆ ସମ୍ମିଳନୀ ଗତକାଲିଠାରୁ ଆରମ୍ଭ ହୋଇଛି ।

# ଜି.ଏସ୍.ଟି. କାଉନ୍ସିଲ୍ ମିଟିଂ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଜି ଜି.ଏସ୍.ଟି. ପରିଷଦର ୫୨ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଉପରେ ଗଣମାଧ୍ୟମକୁ ସୂଚନା ଦେଇ ଅର୍ଥମନ୍ତ୍ରୀ ଶ୍ରୀମତୀ ସୀତାରମଣ କହିଛନ୍ତି, ଜି.ଏସ୍.ଟି. ଅଧିକାରୀଙ୍କଠାରୁ ଗିରଫ କ୍ଷମତା ପ୍ରତ୍ୟାହାର କରାଯିବ । ନୂଆଦିଲ୍ଲୀରେ ଆଜି ଜି.ଏସ୍.ଟି. ପରିଷଦ ଉତ୍ତରଦାୟୀ କରିବା କ୍ଷେତ୍ରରେ ଆର୍ଥିକ ସୀମାକୁ ଏକ କୋଟିରୁ ପାଞ୍ଚ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଶ୍ରୀମତୀ ସୀତାରମଣ କହିଛନ୍ତି, ଏଣିକି ଜରିମାନା, କାରାଦଣ୍ଡ କିମ୍ବା ଉଭୟ ଦଣ୍ଡ ଦେବା ନେଇ ପ୍ରତ୍ୟେକ ମାମଲାରେ ନ୍ୟାୟିକ ନିଷ୍ପତ୍ତିକୁ ଗୁରୁତ୍ୱ ଦିଆଯିବ। ତେବେ ଆଜିର ବୈଠକରେ ଜି.ଏସ୍.ଟି.

ହାର ପୂର୍ବଭଳି ଅପରିବର୍ତ୍ତିତ ରଖାଯାଇଛି । ୧୦ ହଜାର ଟଙ୍କା କିମ୍ବା ତା’ଠାରୁ କମ୍ ଅର୍ଥ ପାଇଁ କୌଣସି ନୋଟିସ୍ ଜାରି କରାଯିବ ନାହିଁ। ଏକ୍ଷେତ୍ରରେ ବିଚାରାଧୀନ ନୋଟିସ୍‌ଗୁଡ଼ିକୁ ମଧ୍ୟ ପ୍ରତ୍ୟାହାର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ବିଳମ୍ବିତ ରିଟର୍ଣ୍ଣ ଦାଖଲ, ଦାଖଲରେ ତ୍ରୁଟି କିମ୍ବା ବିଳମ୍ବରେ ଟିକସ ପଇଠ କ୍ଷେତ୍ରରେ ଟିକସଦାତାଙ୍କ ବିରୋଧରେ ଅସୁଲ ପ୍ରକ୍ରିୟା ଏବଂ ସୁଧ ଓ ଆନୁପାତିକ ଜରିମାନା ଲାଗୁ ହେବ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି।

ସାମଗ୍ରୀର ସୁଗମ ପରିବହନ ଉପରେ ପରିଷଦରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଉପରେ ଆଲୋକପାତ କରି ଅର୍ଥମନ୍ତ୍ରୀ କହିଛନ୍ତି, ଆବଶ୍ୟକ କ୍ଷେତ୍ରରେ ସେହି ସାମଗ୍ରୀର ଯୋଗାଣକାରୀ କିମ୍ବା ଗ୍ରହଣକାରୀ ରାଜ୍ୟର ଅଧିକାରୀ ଯାଞ୍ଚ୍ ସହ ଜବତ କରିପାରିବେ । ତେବେ ସେଥିପାଇଁ ଜଣେ ଯୁଗ୍ମ କମିଶନରସ୍ତରୀୟ ଅଧିକାରୀଙ୍କ ଅନୁମୋଦନର ଆବଶ୍ୟକତା ରହିଛି । ଅର୍ଥମନ୍ତ୍ରୀ କହିଛନ୍ତି, ପରିଷଦର ପଞ୍ଜୀକରଣର ବିବରଣୀଗୁଡ଼ିକୁ ସ୍ୱୟଂଚାଳିତ ଭାବେ ପରିବର୍ତ୍ତନ ଏବଂ ପ୍ରଚଳନ କରିବାକୁ ବୈଠକ ନିଷ୍ପତ୍ତି ହୋଇଛି ।

## ପି.ଏମ୍. - ଡବ୍ଲ୍ୟୁ.ସି.ଡି. ସମ୍ମିଟ୍

ନୂଆଦିଲ୍ଲୀରେ ମହିଳା ଓ ଶିଶୁ ବିକାଶ ବିଭାଗୀୟ ଶିଖର ସମ୍ମିଳନୀ ଆଜିଠାରୁ ଆରମ୍ଭ ହୋଇଛି । ଏହି ଦୁଇଦିନିଆ ସମ୍ମିଳନୀର ଆସନ୍ତାକାଲି

ଉଦ୍‌ଯାପନୀ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ । ସମ୍ମିଳନୀରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଭାଗୀୟ ଅଧିକାରୀ ଏବଂ ଅଂଶୀଦାର ଯୋଗ ଦେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଆଧାରିତ ବିଭାଗୀୟ ଶିଖର ସମ୍ମିଳନୀର ଏହା ଦ୍ୱିତୀୟ ପର୍ଯ୍ୟାୟ ବୋଲି ବିଭାଗ ସୂତ୍ରରୁ ଜଣାପଡ଼ିଛି । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ପୁଷ୍ଟିସାର, ପ୍ରାଥମିକ ଶିକ୍ଷା, ମହିଳା ଓ ଶିଶୁ ସୁରକ୍ଷା ଏବଂ ମହିଳା ସଶକ୍ତୀକରଣ ଆଦି ୪ଟି ପ୍ରସଙ୍ଗ ଆଧାରରେ ଏହି ସମ୍ମିଳନୀରେ ଅଧିବେଶନମାନ ଆୟୋଜିତ ହେଉଛି ।

## ନଡ୍ଡା - ଯୋଶ ଟିମ୍ସ

ଯକ୍ଷ୍ମାମୁକ୍ତ ଭାରତ ଗଠନ ଲକ୍ଷ୍ୟ ନେଇ "ସ୍ୱାସ୍ଥ୍ୟପାଇଁ ସମ୍ମିଳିତ ଗୋଷ୍ଠୀ - ଯୋଶ୍" ବ୍ୟବସ୍ଥାର ଆଜି ଶୁଭାରମ୍ଭ ହୋଇଛି । ନୂଆଦିଲ୍ଲୀରେ ଆଜି ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏହାର ଶୁଭାରମ୍ଭ କରିଛନ୍ତି । ଯକ୍ଷ୍ମା ଦୂରୀକରଣ ଦିଗରେ ଯୁବ ନେତୃତ୍ୱାଧୀନ ଗୋଷ୍ଠୀର ଅଂଶଗ୍ରହଣକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି । ଯକ୍ଷ୍ମା ନିରାକରଣ, ରୋଗ ଚିହ୍ନଟ, ସମୟୋପଯୋଗୀ ଚିକିତ୍ସା ଦୃଷ୍ଟିକୋଣକୁ ଯୁବବର୍ଗଙ୍କ ସହଯୋଗ ଅଧିକ ତ୍ୱରାନ୍ୱିତ କରିବ ବୋଲି ଆଶା କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ୧୧ଟି

ରାଜ୍ୟର ୫୫ଟି ଜିଲ୍ଲାରେ ଏହାକୁ କାର୍ଯ୍ୟକ୍ଷମ କରାଯିବ । ଶୁଭାରମ୍ଭ ଅବସରରେ ସମାବେଶକୁ ସମ୍ବୋଧନ କରି ଶ୍ରୀ ନଡ୍ଡା' ଯକ୍ଷ୍ମାମୁକ୍ତ ଭାରତ ଗଠନରେ ସମାଜର ବିଭିନ୍ନ ସମ୍ପ୍ରଦାୟର ସହଯୋଗ ଆହ୍ୱାନ କରିଛନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦ୍ୟତମ ରିପୋର୍ଟ ଉପରେ ଆଲୋକପାତ କରି ଶ୍ରୀ ନଡ୍ଡା କହିଛନ୍ତି, ଭାରତରେ ଯକ୍ଷ୍ମାର ପ୍ରକୋପ ୨୧ ପ୍ରତିଶତ ଏବଂ ବିଶ୍ୱ ସ୍ତରରେ ୧୨ ପ୍ରତିଶତ ହ୍ରାସ ପାଇଛି । ଦେଶରେ ୯୨ ପ୍ରତିଶତ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରାଯାଇପାରୁଛି । ବିଶ୍ୱ ସ୍ତରର ହାର ୭୮ ପ୍ରତିଶତ ଅପେକ୍ଷା ଏହା ଯଥେଷ୍ଟ ଅଧିକ । ତେବେ ଏଦିଗରେ ଆହୁରି ଯଥେଷ୍ଟ କାର୍ଯ୍ୟ କରିବାର ଅଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି ।

ସମାବେଶରେ ଯୋଗଦେଇ ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ୍ ମାଣ୍ଡବୀୟ କହିଛନ୍ତି, ସୁସ୍ଥ ସମାଜ ଗଠନ ମାଧ୍ୟମରେ ସଶକ୍ତ ଦେଶ ଗଠନ ସମ୍ଭବ ହୋଇପାରିବ । ୨୦୩୦ ସୁଦ୍ଧା ସମ୍ପୂର୍ଣ୍ଣ ଯକ୍ଷ୍ମା ନିରାକରଣ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଲକ୍ଷ୍ୟ ଉପରେ ଆଲୋକପାତ କରି ଡକ୍ଟର ମାଣ୍ଡବୀୟ କହିଛନ୍ତି, ଭାରତ ଏହାର ନେତୃତ୍ୱ ନେଉଛି । ସମୟସୀମା ପୂର୍ବରୁ ଲକ୍ଷ୍ୟ ପୂରଣ ପାଇଁ ପ୍ରୟାସ ଜାରି ରହିଥିବା ସେ କହିଛନ୍ତି ।

ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ୍, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଯୋଗ ଦେଇଥିଲେ ।

# ସେବା ସଙ୍କଳ୍ପ - ନାରୀଶକ୍ତି ବନ୍ଦନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ନାରୀଶକ୍ତି ବନ୍ଦନ ଅଧିନିୟମ ଏବଂ ଏହାର ସୁଫଳ' ଉପରେ ସୂଚନା ପ୍ରଦାନ କରୁଛୁ ।

୨୦୨୩ ମସିହାରେ ସଂସଦରେ ୧୦୬ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ନାରୀଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଥିଲା । ସଂଘୀୟ ଢାଞ୍ଚାର ବିଭିନ୍ନ ସ୍ତରର ସାର୍ବଜନୀନ କ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ଅଧିନିୟମ ପାରିତ ହୋଇଛି । ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାଙ୍କପାଇଁ ଏକ-ତୃତୀୟାଂଶ ସ୍ଥାନ ସଂରକ୍ଷଣ କରିବା ଏହି ଅଧିନିୟମର ମୂଳଲକ୍ଷ୍ୟ । ଚଳିତ ବର୍ଷ ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଏହି ଅଧିନିୟମକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ନେଇ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଆହ୍ୱାନ ଦେଇଥିଲେ ।

***Voice (PM - Narishakti)*** :………

ଏହି ଅଧିନିୟମ କାର୍ଯ୍ୟକାରୀ ହେବା ପରେ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ମହିଳା ପ୍ରତିନିଧିତ୍ୱ ବୃଦ୍ଧି ପାଇବ ।

## ନୋବେଲ୍ - ଲିଟରେଚର - କାସନ

ସାହିତ୍ୟ କ୍ଷେତ୍ରରେ ଚଳିତ ବର୍ଷର ନୋବେଲ୍ ପୁରସ୍କାର ଘୋଷଣା କରାଯାଇଛି । କାନାଡ଼ାର ଲେଖିକା ଆନି କାସନ ଏଥିପାଇଁ ମନୋନୀତ ହୋଇଛନ୍ତି । ପାରମ୍ପରିକ ସାହିତ୍ୟ କ୍ଷେତ୍ରରେ ଅନବଦ୍ୟ ତଥା ସୃଜନାତ୍ମକ କୃତିପାଇଁ ସେ ଏହି ପୁରସ୍କାର ପାଇବେ ବୋଲି ଷ୍ଟକ୍‌ହୋମ୍‌ସ୍ଥିତ ସ୍ୱିଡିସ୍ ଏକାଡେମୀଦ୍ୱାରା ଘୋଷଣା କରାଯାଇଛି । ପୁରସ୍କାର ବାବଦରେ ତାଙ୍କୁ ପ୍ରାୟ ୧ ଦଶମିକ ୨ ନିୟୁତ ଆମେରିକୀୟ ଡଲାର ପ୍ରଦାନ କରାଯିବ ।

## ନମୋ ବୁକ୍ ଫେୟାର ଜିତେନ୍ଦ୍ର ସିଂହ

ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାମ୍ବିଧାନିକ ପଦରେ ୨୫ ବର୍ଷ ପୂରଣରେ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏକ ରେକର୍ଡ଼ । ବାରାଣାସୀର ରୁଦ୍ରାକ୍ଷ ଅନ୍ତର୍ଜାତୀୟ

ସମ୍ମିଳନୀ କେନ୍ଦ୍ରଠାରେ ଆୟୋଜିତ ଦୁଇଦିନିଆ 'ନମୋ ପୁସ୍ତକ ମହୋତ୍ସବ'କୁ ସମ୍ବୋଧନ କରି ଡକ୍ଟର ସିଂହ କହିଛନ୍ତି, ଗତ ୧୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ବହୁମୁଖୀ ପ୍ରତିଭା ବିଶ୍ୱ ନେତୃତ୍ୱକୁ ଆକୃଷ୍ଟ କରିଛି । ଶ୍ରୀ ମୋଦିଙ୍କ ବ୍ୟକ୍ତିତ୍ୱ, ଜୀବନାଦର୍ଶ, ନେତୃତ୍ୱ, ଶାସନ ବ୍ୟବସ୍ଥା ଏବଂ ଗ୍ରହଣୀୟ ନୀତିଗୁଡ଼ିକର ବିଭିନ୍ନ ଦିଗ ଉପରେ ଏହି ପୁସ୍ତକରେ ପ୍ରବନ୍ଧମାନ ସ୍ଥାନିତ ହୋଇଛି । ବାରାଣସୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ସଂସଦୀୟ କ୍ଷେତ୍ର ଓ ବିଶ୍ୱର ସର୍ବ

ପୁରାତନ ସହର ମଧ୍ୟରୁ ଗୋଟିଏ ହୋଇଥିବାରୁ ପୁସ୍ତକ ଉନ୍ମୋଚନ ପାଇଁ ଏହି ସହରକୁ ମନୋନୀତ କରାଯାଇଥିବା ଡକ୍ଟର ସିଂହ କହିଛନ୍ତି ।  ଏହି ଅବସରରେ ସେଠାରେ ଉନ୍ମୋଚିତ ପୁସ୍ତକର ଏକ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି ।

## କ୍ରିକେଟ୍

ଭାରତ-ୱେଷ୍ଟଇଣ୍ଡିଜ ଚଳିତ ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ରାଞ୍ଚିଠାରେ ଖେଳାଯିବ । ସନ୍ଧ୍ୟା ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଲକ୍ଷ୍ନୌଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରି ସିରିଜ୍‌ରେ ୧-୦ରେ ଆଗୁଆ

ରହିଛି । ପୂର୍ବରୁ ଉଭୟ ଦଳ ମଧ୍ୟରେ ଖେଳାଯାଇଥିବା ଦିନିକିଆ ଆନ୍ତର୍ଜାତିକ ସିରିଜ୍‌କୁ ଭାରତ ୨-୧ରେ ଅକ୍ତିଆର କରିଛି ।

*****